# ରେଙ୍ଗାଲି ତହସିଲଦାରଙ୍କ ଅଦାଲତ, ରେଙ୍ଗାଲି

ବିବିଧ (Misc.) ମୋକଦ୍ଦମା ସଂଖ୍ୟା ..୩୨../୨୦୨୫

## ସର୍ବସାଧାରଣ ଇସ୍ତାହାର

ପ୍ରୋସେସ ସଂଖ୍ୟା. ୧୧୦୪ ତାରିଖ: ୧୦.୧୦.୨୦୨୫

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମୌଜା – ରେଙ୍ଗାଲି ଅନ୍ତର୍ଗତ ନିମ୍ନ ସୂଚୀତ ସରକାରୀ ଜମିକୁ ଉପ ନିବନ୍ଧକ ସମବାୟ ସମିତି, ସମ୍ବଲପୁର(DRCS, Sambalpur), Rengali PACSର କାର୍ଯ୍ୟାଳୟ ଓ ଗୋଦାମ ନିର୍ମାଣ ନିମନ୍ତେ ଅତ୍ର କାର୍ଯ୍ୟାଳୟରେ ଦରଖାସ୍ତ ଦାଖଲ କରିଛନ୍ତି । ଆବେଦନ କରାଯାଇଥିବା ନିମ୍ନ ତଫସିଲ ଭୁକ୍ତ ଜମି ସରକାରୀ ସର୍ବ ସାଧାରଣ ଖାତାରେ ଘରବାରୀ କିସମ ତଥା ମନ୍ତବ୍ୟରେ ଖାନାରେ "ସା. କି. ସଡ଼କ, ଦ: ରେଙ୍ଗାଲି ଗ୍ରାମ ପଞ୍ଚାୟତ" ରେକର୍ଡ ଥିବାରୁ ଉକ୍ତ ଜମିକୁ ଆବେଦନକାରୀଙ୍କ ନାମରେ ହସ୍ତାନ୍ତର କରିବା ପାଇଁ କିସମ ପରିବର୍ତନ ତଥା ମନ୍ତବ୍ୟ ଖାନା କୁ ଖାରଜ କରିବା ଆବଶ୍ୟକ ପଡୁଅଛି ଓ ତତ ଅନୁଯାଇ ପଦକ୍ଷେପ ନିଆ ଯିବ ।

ଏଥିରେ ଯଦି କୌଣସି ବ୍ୟକ୍ତି ବିଶେଷଙ୍କର କିଛି ଆପତ୍ତି ଅଭିଯୋଗ ଥାଏ ତାହାହେଲେ ଏହି ନୋଟିସ ପ୍ରକାଶନର ୧୫ (ପନ୍ଦର)ଦିନ ଭିତରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଲିଖିତ ଆକାରରେ ଟ. ୨୦/- କୋର୍ଟ ଫି ସହିତ ଅଭିଯୋଗ ଦେବାପାଇଁ ଅନୁରୋଧ କରାଯାଉଅଛି । ମିଆଦ ଗତେ କୌଣସି ଦାବୀ ବା ଅଭିଯୋଗ ଗ୍ରହଣୀୟ ହେବନାହିଁ ।

### ତଫସିଲ ଭୁକ୍ତ ଜମି

| ମୌଜା | ଖାତା ନମ୍ବର | ପ୍ଲଟ ନମ୍ବର | ପ୍ରସ୍ତାବିତ ରକବା | କିସମ | ମନ୍ତବ୍ୟ |
|---|---|---|---|---|---|
| ରେଙ୍ଗାଲି | ୫୦୧ ସର୍ବସାଧାରଣ | ୨୫୧୮ | ୦.୦୬ | ଘରବାରି | ସା. କି. ସଡ଼କ, ଦ: ରେଙ୍ଗାଲି ଗ୍ରାମ ପଞ୍ଚାୟତ |
| ମୋଟ | ୧ ଖାତା | ୧ ପ୍ଲଟ | ୦.୦୬ | | |

ତହସିଲଦାର,ରେଙ୍ଗାଲି
TAHASILDAR
Rengali (Sambalpur)

ଜ୍ଞାପକ ସଂଖ୍ୟା......୧୧୦୪........ ତା: ......୧୦.୧୦.୨୦୨୫........

ଏହାର ଏକ କିତା ନକଲ ସଂପୃକ୍ତ ଗ୍ରାମର ମଧ୍ୟସ୍ଥଳିରେ ଜାରିକରିବା ପାଇଁ ଓ ରାଜସ୍ୱ ନିରୀକ୍ଷକ ରେଙ୍ଗାଲିଙ୍କ କାର୍ଯ୍ୟାଳୟ / ଗ୍ରାମ ପଞ୍ଚାୟତ ରେଙ୍ଗାଲି ଏବଂ ତହସିଲ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ବହୁଳ ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ଇ-ଗଭର୍ଣ୍ଣନ୍ସ ପରିଚାଳକ, ସମ୍ବଲପୁରଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ଏବଂ ଏହାର ବହୁଳ ପ୍ରସାର ନିମନ୍ତେ ପ୍ରେରଣା କରାଗଲା । ଉପରୋକ୍ତ ସର୍ବସାଧାରଣ ଇସ୍ତାହାରକୁ ସମ୍ବଲପୁର ଜିଲ୍ଲା ୱେବସାଇଟରେ ପ୍ରକାଶନ କରିବା ନିମନ୍ତେ ଅନୁରୋଧ ।

ତହସିଲଦାର,ରେଙ୍ଗାଲି
TAHASILDAR
Rengali (Sambalpur)